## ୫ ନିଶାସକ୍ତ ଚାଳକ ଗିରଫ

ବଇଣ୍ଡା,(ଡି.ଏନ.ଏ.): ହଣ୍ଡପା ପୋଲିସ ପକ୍ଷରୁ ଶୁକ୍ରବାର ରାତିରେ ବଇଣ୍ଡାଠାରେ ଯାନବାହନ ଯାଞ୍ଚ କରାଯାଇ ୫ ନିଶାସକ୍ତ ବାଇକ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଦଳୀମୁଣ୍ଡା ଗ୍ରାମର ସୁଜନ ପ୍ରଧାନ, ବି ମହାନ୍ତି, ଠାକୁରଗଡ଼ ଗ୍ରାମର ଗଣେଶ୍ୱର ବେହେରା, ବିଶିପାଲି ଗ୍ରାମର ରୀତେଶ ସାହୁ, ସୋଲଣ୍ଡା ଗ୍ରାମର ଶିବରାମ ପ୍ରଧାନ। ସେମାନଙ୍କଠାରୁ ୫ ବାଇକ୍ ଜବତ କରାଯାଇଛି।

# ଦୁର୍ଦ୍ଦିନରେ ଦଣ୍ଡାଧର ବିସ୍ଥାପିତ

### ସମସ୍ତଙ୍କୁ ଥଇଥାନ ଦାବି ଜୋର୍ ଧରିଲା

ଢେଙ୍କାନାଳ ଅଫିସ, ୮।୪



ଜଳସେଚନ ପ୍ରକଳ୍ପରେ ଯାଇଛି ବାସ। ଉଜୁଡ଼ିଛି ମୂଲ୍ୟବାନ୍ ଚାଷଜମି। ଭିଟାମାଟିରୁ ପର ହେବାର ଇତିମଧ୍ୟରେ ବିତିଗଲାଣି ଦୀର୍ଘ ୪ ଦଶନ୍ଧି। ତଥାପି ମିଳୁନାହିଁ ନ୍ୟାୟ। ଫଳରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଦଣ୍ଡାଧାର ବିସ୍ଥାପିତ।

ଜମିକୁ ଜଳସେଚନ ଯୋଗାଇଦେବା ଲକ୍ଷ୍ୟରେ କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳରେ ୧୯୮୦ରେ ନିର୍ମାଣ କରାଯାଇଥିଲା ଦଣ୍ଡାଧର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ଏଥିରେ ବିସ୍ଥାପିତ ହୋଇଥିବା ୫୦୦ରୁ ଉର୍ଦ୍ଧ୍ୱ ପରିବାରକୁ ୪ଟି କଲୋନିରେ ବିଭକ୍ତ କରାଯାଇ ଥଇଥାନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ସେମାନଙ୍କୁ ଘର ଡିହ ପଟ୍ଟା ଏବଂ ପ୍ରତି ପରିବାର ପିଛା ୩ ଏକର ଲେଖାଏ ଚାଷ ଉପଯୋଗୀ ଜମି ଯୋଗାଇ ଦେବାଲାଗି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ବିସ୍ଥାପିତ ପରିବାର ମଧ୍ୟରୁ କେତେକଙ୍କୁ ପଟ୍ଟା ଏବଂ ଚାଷଜମି ମିଳିଥିବାବେଳେ ଅନେକେ ଏବେ ବି ସରକାରୀ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଅନ୍ୟପଟେ ଯେଉଁମାନଙ୍କୁ ଚାଷ ଜମିପଟ୍ଟା ଏବଂ ଘରଡିହ ମିଳିଛି, ସେମାନେ ଏବେ ବି ଅଡୁଆରେ ପଡ଼ିଛନ୍ତି। କାରଣ ଯୋଗାଇ ଦିଆଯାଇଥିବା ଜମିରୁ ଜବରଦଖଲ ଉଚ୍ଛେଦ ହୋଇପାରୁ ନ ଥିବାରୁ ସେମାନେ କେବଳ କାଗଜକଲମରେ ଏହାର ମାଲିକ ହୋଇ ରହିଛନ୍ତି। ସେହିପରି ଅନେକଙ୍କୁ ମିଳିଥିବା ଚାଷଜମି ଅନୁର୍ବର। ସେଠାରେ ଚାଷ କରିବା ସମ୍ଭବ ହୋଇପାରୁନାହିଁ। ୪ଟି କଲୋନିକୁ ୨ଟି ସ୍ୱତନ୍ତ୍ର ଗ୍ରାମର ମାନ୍ୟତା ପ୍ରଦାନ କରିବା ଲାଗି ବିସ୍ଥାପିତ ପ୍ରଜା ମଞ୍ଚ ଦାବି କରି ଆସୁଥିଲେ ମଧ୍ୟ ଅଦ୍ୟାବଧି ତାହା ପୂରଣ ହୋଇପାରିନାହିଁ। ଫଳରେ ବିସ୍ଥାପିତ କଲୋନି ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ତେଣୁ କ୍ଷତିଗ୍ରସ୍ତ ପରିବାରକୁ ମୌଳିକ ସୁବିଧା ଯୋଗାଇ ଦେବା, ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ, ଶ୍ମଶାନ ଜମି ଚିହ୍ନଟ, ପଟ୍ଟା ମୁତାବକ ଥଇଥାନ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

### ଭିଟାମାଟି ହରାଇ ଦିନ ମଜୁରିଆ

ଚାଷୀ ଏବଂ ଚାଷର ବିକାଶ ଲାଗି ନିର୍ମିତ ଦଣ୍ଡାଧର ଜଳସେଚନ ପ୍ରକଳ୍ପ ଉଦ୍ଦେଶ୍ୟଠାରୁ ବହୁ ଦୂରରେ ରହିଯାଇଥିବା ଅଭିଯୋଗ ହେଉଛି। କେନାଲ ନିର୍ମାଣରେ ତ୍ରୁଟି ଏବଂ ଦିନକୁ ଦିନ ଜଳଭଣ୍ଡାରର ଜଳଧାରଣ କ୍ଷମତା କମିଯାଉଥିବାରୁ ତଳମୁଣ୍ଡକୁ ପାଣି ପହଞ୍ଚିପାରୁନାହିଁ। ତେଣୁ ପ୍ରତିବର୍ଷ ଚାଷରେ ବିପୁଳ କ୍ଷତି ସହୁଛନ୍ତି ଚାଷୀ। କେବଳ ଏତିକି ନୁହେଁ, ଭିଟାମାଟି, ମୂଲ୍ୟବାନ ଚାଷଜମି ହରାଇଥିବା କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରୁ ଅନେକେ ଦିନ ମଜୁରିଆ ଭାବେ କାମ କରି ଗୁଜୁରାଣ ମେଣ୍ଟାଉଥିବା ଅଭିଯୋଗ ହେଉଛି। ତେଣୁ ତୁରନ୍ତ କ୍ଷତିଗ୍ରସ୍ତଙ୍କ ସାମଗ୍ରିକ ଉନ୍ନତି ଲାଗି ପ୍ୟାକେଜ ଘୋଷଣା କରି ସେମାନଙ୍କ ନ୍ୟାଯ୍ୟଦାବି ପ୍ରଦାନ କରିବା ଲାଗି ଦାବି ହେଉଛି।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ



ପରଜଙ୍ଗ, ୮।୪(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତର ପରମହଂସପୁର ଗ୍ରାମରେ ଯୁବଶକ୍ତି ସମର୍ପିତ ଓଡ଼ିଶା ଏବଂ ମା' ମେଡିକାଲ ଷ୍ଟୋରର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। 'ଯୁବଶକ୍ତି'ର ଅଧ୍ୟକ୍ଷ ହିମାଂଶୁ ଭୂଷଣ ବାରିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ଯୁବନେତା ଅଜିତ କୁମାର ସାହୁ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ଅଜିତ ସାହୁ, ସାମାଜିକ କର୍ମୀ ବଳରାମ ପତି, ଡାକ୍ତର ମାନସ ସାହୁ, ପ୍ରାକ୍ତନ ଶିକ୍ଷକ ଅକ୍ଷୟ ନାୟକ, ନିର୍ମଳ ଗଡ଼ନାୟକ, ସନ୍ଦୀପ ଖିଲାର, ପ୍ରଶାନ୍ତ ସାହୁ, ରିପୁ ରଞ୍ଜନ ସାହୁ, ଭୀମସେନ ଖଟୁଆଙ୍କ ସମେତ ଆଇଜିଆଇଟିର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରୂପକ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରୀଷ୍ମକାଳୀନ ଅମୃତ ବିନ୍ଦୁ ଶିବିର

କାମାକ୍ଷାନଗର, ୮।୪(ଡି.ଏନ୍.ଏ.)



ରକ୍ତଦାନ ଶିବିରରେ ଶ୍ରୀସତ୍ୟସାଇ ସେବା ସମିତି କର୍ମକର୍ତ୍ତାମାନେ।

କାମାକ୍ଷାନଗର ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ଶନିବାର ଗଡ଼ଜାତ ଭବନ ପରିସରରେ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର 'ଅମୃତ ବିନ୍ଦୁ' ଅନୁଷ୍ଠିତ ହୋଇଯାଇଛି। ମୋଟ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ନଗରପାଳ ଗୋବିନ୍ଦ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ରକ୍ତଭଣ୍ଡାର ଡା. ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରାକେଶ ବେହେରା, ଆଟେଣ୍ଡାଣ୍ଟ ବରୁଣ ସାହୁ, ତପନ ଜେନା, ଅଜୟ ସ୍ୱାଇଁ ସହଯୋଗ କରିଥିଲେ। ଗ୍ରୀଷ୍ମପ୍ରବାହ ସମୟରେ ରକ୍ତ ଅଭାବ ପୂରଣ କରିବା ଲାଗି ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ସମିତି ଆବାହକ ପ୍ରତ୍ୟୁଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ଜିଲା ସଭାପତି ରଶ୍ମିରଞ୍ଜନ ଦାଶ, ପୂର୍ବତନ ଜିଲା ସଂଯୋଜକ ପ୍ରମୋଦ ଦାସ, ପୂର୍ବତନ ଆବାହକ ହୃଷୀକେଶ ମହାପାତ୍ର, ଅଦ୍ୱୈତ ମହାପାତ୍ର, ଆଦିତ୍ୟ କର, ନିରଞ୍ଜନ ସାହୁ, ସଂଯୋଜକ ପ୍ରଶାନ୍ତ ବେହେରା, ବିମଳ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

### ଡ୍ରୋନ୍‌ରେ ଧରାପଡ଼ିଲା ନିଖୋଜ ହାତୀ ଛୁଆ

ଢେଙ୍କାନାଳ ଅଫିସ, ୮।୪

ହିନ୍ଦୋଳ ରେଞ୍ଜ୍ ଅଧୀନ ବାବନ୍ଧ ସାନସାହି ଗ୍ରାମ୍ୟ ଜଙ୍ଗଲରେ ବୁଧବାର ଅସୁସ୍ଥତା କାରଣରୁ ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ମା'ର ମୃତ୍ୟୁ ପରେ ଏହା ନିକଟରେ ଘୂରି ବୁଲୁଥିବା ହାତୀ ଛୁଆ ନିଖୋଜ ହୋଇଯାଇଥିଲା। ଏହାକୁ ଠାବ କରିବା ଲାଗି ବନ କର୍ମଚାରୀମାନେ ଖୋଜାଖୋଜି ଚଳାଇଥିବାବେଳେ ଶନିବାର ଡ୍ରୋନ୍ କ୍ୟାମେରାରେ ହାତୀ ଛୁଆ ଧରାପଡ଼ିଛି। ଗ୍ରାମ ନିକଟ ଜଙ୍ଗଲରେ ଡେରା ପକାଇଥିବା ଦନ୍ତାହାତୀଙ୍କ ଗହଣରେ ଉକ୍ତ ଅଣ୍ଡିରା ହାତୀ ଛୁଆକୁ ଠାବ କରାଯାଇଛି। ଏ ସଂକ୍ରାନ୍ତରେ ଡିଏଫ୍ଓ ସୁମିତ କର କୁହନ୍ତି, ନିଖୋଜ ହାତୀ ଛୁଆ ଦନ୍ତାହାତୀ ଗହଣରେ ରହିଛି। ଏହା ପ୍ରତି କୌଣସି ବିପଦ ନାହିଁ। ତଥାପି ଏହା ଉପରେ ନଜର ରଖାଯାଇଛି।

# 'ବିଶ୍ୱକଲ୍ୟାଣ ଶାନ୍ତି ପ୍ରତିଷ୍ଠାର ମାଧ୍ୟମ'

### ଅହମ୍ମଦିଆ ସମ୍ପ୍ରଦାୟର ଶାନ୍ତି ସମ୍ମିଳନୀ

ଢେଙ୍କାନାଳ ଅଫିସ, ୮।୪



ଗୁଣ୍ଡିଡ଼ାପଡାରେ ଶାନ୍ତି ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ପାଲାମଣ୍ଡପଠାରେ ଅହମ୍ମଦିଆ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ବାର୍ଷିକ ବାଦିପାଲା ଶୁଭାରମ୍ଭ ଅବସରରେ ଶାନ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଲେମନ ଅଲ୍ଲି ଖାଁ ଏଥିରେ ପୌରୋହିତ୍ୟ କରି ହଜରତ୍ ମହମ୍ମଦ ଏବଂ ଅହମ୍ମଦିଆ ସମ୍ପ୍ରଦାୟର ଖଲିଫା ମିର୍ଜା ମସ୍‌ରୁର ଅହମ୍ମଦଙ୍କ ପ୍ରେରଣାଦାୟୀ ବାର୍ତ୍ତା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱକଲ୍ୟାଣ ଶାନ୍ତି ପ୍ରତିଷ୍ଠାର ମାଧ୍ୟମ ବୋଲି ସେ କହିଥିଲେ। ବକ୍ତା ଭାବେ ମୌଲବୀ ଶେଖ ହାରୁନ ରସିଦ୍, ସୟଦ ଫଜଲେ ନଇମ୍ ଯୋଗଦେଇ ବିଶ୍ୱଭ୍ରାତୃତ୍ୱ, ସମାନତା ଏବଂ ନିରପେକ୍ଷତା ଉପରେ ଆଲୋକପାତ କରିଥିଲେ। ଗ୍ରାମ ପରିଚାଳନା କମିଟି ସଭାପତି ଶିଖର ସାହୁ, ଗାୟକ ପ୍ରବୀର ସନାତନ ଦାସ, ନୃସିଂହ ଚରଣ ହୋତା, ମୀନକେତନ ସାହୁ, ଶେଖ୍ ମନସୁର, ଅଭୟ ବେହେରା, ମୌଲବୀ ଇସ୍ରାଫିଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଦେଶ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଃସ୍ୱାର୍ଥପର ସେବା କଲେ ସ୍ୱପ୍ନ ସଫଳ ହେବ

ଢେଙ୍କାନାଳ ଅଫିସ, ୮।୪

### ଦୀପ ପ୍ରଜ୍ୱଳନ, ଶପଥ ଗ୍ରହଣ ଉତ୍ସବ

ଢେଙ୍କାନାଳ ସିନର୍ଜି ନର୍ସିଂ ମହାବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ଶକ୍ତିସ୍ୱରୂପିଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କୁ ନିଃସ୍ୱାର୍ଥପର ସେବା ମନୋଭାବ ନେଇ କାର୍ଯ୍ୟ କଲେ ସ୍ୱପ୍ନ ସଫଳ ହେବ। ଏଥିସହ ସମାଜର ମଙ୍ଗଳ ହୋଇପାରିବ ବୋଲି ସେ କହିଥିଲେ।

ଢେଙ୍କାନାଳ ସରକାରୀ ନର୍ସିଂ ମହାବିଦ୍ୟାଳୟର ଅଧ୍ୟକ୍ଷା ଝରଣା ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ନର୍ସିଂ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ହିରଣ୍ମୟୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ରାଜଶ୍ରୀ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇଥିଲେ।







କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ (ବାମ)। ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# 'ଶିଶୁ ଅଧିକାର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ରହିଛି'

ଢେଙ୍କାନାଳ ଅଫିସ, ୮।୪



ପିଏଚ୍.ଡି ପ୍ରମାଣପତ୍ର ସହ ବିରଞ୍ଚି ନାରାୟଣ।

ଜାତୀୟ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ତଥା ଶିଶୁ ଗବେଷକ ବିରଞ୍ଚି ନାରାୟଣ ସେଠ 'ଗଣମାଧ୍ୟମର ଭୂମିକା ଓ ଶିଶୁ ଅଧିକାର' ବିଷୟରେ ଗବେଷଣା କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ହାସଲ କରିଛନ୍ତି। ଗତ ୨୯ ତାରିଖରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ୨୪ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ଏ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗବେଷଣାରେ ଜିଲାସ୍ତରରୁ ଅନ୍ତର୍ଜାତୀୟସ୍ତର ପର୍ଯ୍ୟନ୍ତ ଶିଶୁ ଅଧିକାରର ବର୍ତ୍ତମାନର ସ୍ଥିତି, ସେମାନଙ୍କ ବିରୋଧରେ ହିଂସା, ଆଇନଗତ ବ୍ୟବସ୍ଥା, ପରିବାରରେ ରହିବା ଅଧିକାରକୁ ସୁନିଶ୍ଚିତ କରାଇବା ଲାଗି ଗୁରୁତ୍ୱାରୋପ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ଶିଶୁ ଅଧିକାର ସମ୍ପର୍କରେ ଆଇନଗତ ଭାବେ ଜାଣିବା ସହ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସଚେତନ କରିବା ଉଚିତ ବୋଲି ଗବେଷକ ବିରଞ୍ଚି ନାରାୟଣ କହିଛନ୍ତି।

ୟୁନାଇଟେଡ୍ ନେସନ୍ସ କନ୍‌ଭେନଶନ ଅନ୍ ରାଇଟ୍‌ସ ଅଫ୍ ଚିଲ୍ଡ୍ରେନ୍ (ୟୁଏନ୍‌ସିଆର୍‌ସି) ପ୍ରୋଟୋକଲ ଅନୁଯାୟୀ, ଶିଶୁର ବଞ୍ଚିବାର, ସୁରକ୍ଷା, ଉନ୍ନତି କରିବାର ଏବଂ ଅଂଶଗ୍ରହଣ କରିବାର ଅଧିକାର ରହିଛି। ୟୁଏନ୍‌ସିଆର୍‌ସି ପ୍ରୋଟୋକଲକୁ ଭାରତ ୧୯୯୨ରେ ଅନୁମୋଦନ କରିଥିଲା। ଭାରତରେ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ, ପୋକ୍‌ସୋ ଆକ୍ଟ ରହିଛି। ଶିଶୁ ସୁରକ୍ଷା ପାଇଁ ବିଭିନ୍ନ ସମୟରେ ଆଇନ ସଂଶୋଧନ କରାଯାଇଛି। ଆଇନ କାର୍ଯ୍ୟକାରିତା ପାଇଁ ଶିଶୁ ମଙ୍ଗଳ କମିଟି, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ରାଜ୍ୟ ଓ ଜାତୀୟସ୍ତରରେ କମିଶନ ବ୍ୟବସ୍ଥା ରହିଛି। ତଥାପି ଶିଶୁମାନଙ୍କ ବିରୋଧରେ ହିଂସାତ୍ମକ କାର୍ଯ୍ୟକଳାପ ବଢ଼ିଚାଲିଛି। ଏଭଳି ଘଟଣାରେ ଗଣମାଧ୍ୟମ ପ୍ରତିନିଧି ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି। ଫଳରେ ପାଠକ ସଚେତନ ହୋଇପାରିବେ ବୋଲି ବିରଞ୍ଚି କହିଛନ୍ତି।

ଏହି ଗବେଷଣାରେ ୭ଟି ଚାପ୍ଟର ରହିଛି। ମହାମାରୀ କରୋନା ସମୟରେ ଶିଶୁଙ୍କ ଅବସ୍ଥା ଦେଖି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ର ସରକାର କରିଥିବା ବିଭିନ୍ନ ଯୋଜନା, ସୁବିଧା ଆଦି ବିଷୟରେ ଏଥିରେ ଆଲୋଚନା କରାଯାଇଛି।

# ଧବଳେଇ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଢେଙ୍କାନାଳ ଅଫିସ, ୮।୪

ଗଁଦିଆ ବ୍ଲକ ନିହଲପ୍ରସାଦ ଗ୍ରାମର ମା' ଧବଳେଇଙ୍କ ପୀଠରେ ଶନିବାରଠାରୁ ଆରମ୍ଭ ହୋଇଛି ବିଶ୍ୱଶାନ୍ତି ମହାଯଜ୍ଞ। ବିଶ୍ୱର ମଙ୍ଗଳକାମନା କରି ବୈଦିକ ପଣ୍ଡିତଙ୍କ ଦ୍ୱାରା ଏହି ଯଜ୍ଞର ଆୟୋଜନ କରାଯାଉଛି। ୫ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ନେଇ ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି।

ଏହି ଉପଲକ୍ଷେ ସକାଳେ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ଶତାଧିକ ଗ୍ରାମବାସୀ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମଣ୍ଡପରେ ସ୍ଥାପନ କରିଥିଲେ। ଯଜ୍ଞ ଅବସରରେ ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରାଯାଉଛି। ଲଉଡ଼ି ଖେଳ ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ମା' ଧବଳେଇଙ୍କ ଦର୍ଶନ କରିବା ଲାଗି ପୀଠ ପରିସରରେ ପ୍ରଥମ ଦିନରୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଗ୍ରାମବାସୀ ଏବଂ କମିଟି ସଦସ୍ୟ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଛନ୍ତି।



ଯଜ୍ଞାନୁଷ୍ଠାନ କାର୍ଯ୍ୟକ୍ରମରେ କଳସଧାରୀ ଗ୍ରାମବାସୀ।

# ପ୍ରକଳ୍ପ ଥାଇ ଚୁଆ ଭରସା

### ୨ ମାସ ହେଲା 'ବସୁଧା' ଅଚଳ

ଢେଙ୍କାନାଳ ଅଫିସ, ୮।୪



ଗ୍ରାମରେ ନିର୍ମାଣ କରାଯାଇଥିବା ବସୁଧା ପ୍ରକଳ୍ପ।



ଗ୍ରାମର ମହିଳାମାନେ ଚୁଆରୁ ପାଣି ଆଣିବାକୁ ଯାଉଛନ୍ତି।

ପ୍ରକଳ୍ପ ଅଛି। ହେଲେ ପାଣି ଆସୁନାହିଁ। ଫଳରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସମୟରେ ଚୁଆକୁ ଭରସା କରି ଦିନ କାଟୁଛନ୍ତି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲେଥେକା ପଞ୍ଚାୟତ ନୂଆପଡ଼ା ଗ୍ରାମବାସୀ। ଅଚଳ ମୋଟର ସଜଡ଼ାଯାଉ ନ ଥିବାରୁ ପ୍ରାୟ ୨ ମାସ ହେଲା ୨୦୦୦ରୁ ଉର୍ଦ୍ଧ୍ୱ ଲୋକ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି।

ଅଭିଯୋଗ ଅନୁଯାୟୀ, ନୂଆପଡ଼ା ଏବଂ ଓରନ୍ଦା ଗ୍ରାମବାସୀଙ୍କୁ ହାତପାଆନ୍ତାରେ ପାନୀୟ ଜଳ ଯୋଗାଇ ଦେବା ଲାଗି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ନିର୍ମିତ ହୋଇଛି ପ୍ରକଳ୍ପ। ତେବେ ୨ ମାସ ହେଲା ଏହାର ମୋଟର ପୋଡ଼ି ଯାଇଥିବାରୁ ଜଳଯୋଗାଣ ଠପ୍ ହୋଇଯାଇଛି। ଏହା ଉପରେ ନିର୍ଭରଶୀଳ ନୂଆପଡ଼ା ଓ ଓରନ୍ଦା ଗ୍ରାମବାସୀ କୁଆରିଆ ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ମହିଳାମାନେ ଦୀର୍ଘପଥ ଅତିକ୍ରମ କରି ହାଣ୍ଡି, ମାଠିଆରେ ପାଣି ବୋହିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଅଭିଯୋଗ କରିବା ପରେ ବି ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ଧରାଛୁଆଁ ଦେଉନାହାନ୍ତି। ଏହାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ବିଡିଓ ଆଶିଷ ରଞ୍ଜନ ସାହୁ କୁହନ୍ତି, ପ୍ରକଳ୍ପ ନିର୍ମାଣ ପରେ ୫ ବର୍ଷ ପାଇଁ ଠିକାଦାର ଏହାର ପରିଚାଳନା କରିବେ ବୋଲି ନିଷ୍ପତ୍ତି ହୋଇଛି। ଏ ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ଠିକାଦାର କଥା ଶୁଣୁନାହାନ୍ତି। ତେଣୁ ସରପଞ୍ଚଙ୍କ ସହ ଆଲୋଚନା କରି ଟ୍ୟାଙ୍କର ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯିବ। ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା କୁହନ୍ତି, ପ୍ରକଳ୍ପ ଅଚଳ ହେବା ସମ୍ପର୍କରେ ଠିକାଦାରଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ମରାମତି କରି ପାଣିଯୋଗାଣ ସ୍ୱାଭାବିକ କରିବା ପାଇଁ କୁହାଯାଇଛି।

## ସଂକ୍ଷେପରେ

### ଘର ଭିତରୁ ନାଗ ସାପ ଉଦ୍ଧାର

**ଛେଣ୍ଡିପଦା,୮।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା କୁମ୍ଭାର ସାହିର ବିପିନବିହାରୀ ବେହେରାଙ୍କ ଘର ଭିତରୁ ୩ ଫୁଟ ଲମ୍ବର ନାଗ ସାପକୁ ଉଦ୍ଧାର କରାଯାଇଛି। ଘର ଭିତରେ ନାଗ ସାପ ଥିବା ପରିବାର ଲୋକେ ଦେଖି ସ୍ନେକ ହେଲ୍ପ ଲାଇନ ସଦସ୍ୟ ନଗେନ ନନ୍ଦଙ୍କୁ ଖବର ଦେଇଥିଲେ। ନଗେନ ତୁରନ୍ତ ବିପିନଙ୍କ ଘରେ ପହଞ୍ଚି ନାଗ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଛେଣ୍ଡିପଦା ବନବିଭାଗ ସହାୟତାରେ ଛେଣ୍ଡିପଦା ଗଡତୁଣି ନାଳସ୍ଥିତ ସଂରକ୍ଷିତ ଜଙ୍ଗଲରେ ସାପଟିକୁ ଛାଡି ଦିଆଯାଇଛି।



# ସପ୍ତାହକରେ ୬୧ ଲକ୍ଷ ଜରିମାନା

■ଅନୁଗୋଳ, ତାଳଚେର ଆର୍‌ଟିଓ ପକ୍ଷରୁ ଚେକିଂ
■୭୪୧ ଉଲ୍ଲଂଘନକାରୀଙ୍କ କଟାଗଲା ଚାଲାଣ
■ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ ଉଦ୍‌ଯାପିତ

**ଅନୁଗୋଳ ଅଫିସ, ୮।୪**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏପ୍ରିଲ୍ ପ୍ରଥମ ସପ୍ତାହକୁ ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ ଭାବେ ପାଳନ କରିବା ପାଇଁ ଅନୁଗୋଳ ଜିଲାରେ ଗାଡ଼ି ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ଏପ୍ରିଲ ୧ରୁ ୭ ତାରିଖ ଯାଏ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପକ୍ଷରୁ ବିଭିନ୍ନ ସ୍ଥାନରେ ଯାନବାହନ ଚେକିଂ କରାଯାଇ ମୋଟ୍ ୭୪୧ ଜଣ ନିୟମ ଉଲ୍ଲଂଘନକାରୀଙ୍କୁ ୬୧ ଲକ୍ଷ ୪୦ ହଜାର ୬୬ ଟଙ୍କାର ଜରିମାନା କରାଯାଇଥିଲା। ସେଥିମଧ୍ୟରୁ ୮ ଲକ୍ଷ, ୮୨ ହଜାର ୭୫୦ ଟଙ୍କା ଘଟଣାସ୍ଥଳରେ ଆଦାୟ ହୋଇଥିବା ବେଳେ ୫୨ ଲକ୍ଷ ୫୭ ହଜାର ୩୧୬ ଟଙ୍କା ପେଣ୍ଡିଂ ରହିଛି।

ଅନୁଗୋଳ ଆର୍‌ଟିଓ ପକ୍ଷରୁ ଚେକିଂ ବେଳେ ୩୭୨ ଜଣ ଟ୍ରାଫିକ ଉଲ୍ଲଂଘନକାରୀଙ୍କ ଚାଲାଣ କଟାଯାଇଛି। ଦ୍ରୁତଗତି ପାଇଁ ୧୧୩ ଜଣ ଚାଳକ ଧରାପଡ଼ିଥିବା ବେଳେ ୧୪୩ ଜଣ ହେଲମେଟ ପିନ୍ଧି ନ ଥିବା, ଗାଡ଼ି ଚାଳନା ବେଳେ ୧୪ ଜଣ ମୋବାଇଲ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ଚଳାଉଥିବା ୯ଜଣ, ମାଲ ଗାଡ଼ିରେ ଯାତ୍ରୀ ନେଉଥିବା ୨ ଜଣ, ଓଭରଲୋଡିଂ ପାଇଁ ୨୪, ସିଟ୍ ବେଲ୍‌ଟ ବାନ୍ଧି ନ ଥିବା ୧୪, ବାଇକ୍‌ରେ ୩ ଜଣିଆ ଯାତ୍ରା ପାଇଁ ୧୪ ଜଣ ଓ ଗାଡ଼ିର ନମ୍ବର ପ୍ଲେଟ ଠିକ୍ ନ ଥିବାରୁ ୧୬ଜଣ ଚାଳକଙ୍କୁ ଜରିମାନା କରାଯାଇଛି। ସେମାନଙ୍କୁ ମୋଟ୍ ୩୯ ଲକ୍ଷ ୪୨ ହଜାର ୮୫୦ ଟଙ୍କାର ଚାଲାଣ କଟାଯାଇ ଦିଆଯାଇଥିବା ବେଳେ ସେଥିରୁ ୬ଲକ୍ଷ ୪୧ ହଜାର ୧୫୦ ଟଙ୍କା ଆଦାୟ ହୋଇଛି। ୩୩ ଲକ୍ଷ ୧୭ଶହ ଟଙ୍କା ଆଦାୟ ପାଇଁ ବାକି ରହିଛି। ସେହିପରି ତାଳଚେର ଆର୍‌ଟିଓ ପକ୍ଷରୁ ୩୬୯ ଜଣ ନିୟମ ଉଲ୍ଲଂଘନକାରୀଙ୍କୁ ୨୧ ଲକ୍ଷ ୯୭ ହଜାର ୨୧୬ ଟଙ୍କାର ଜରିମାନା କରାଯାଇଛି। ସେଥିରୁ ୨ ଲକ୍ଷ ୪୧ ହଜାର ୬ଶହ ଟଙ୍କା ଆଦାୟ କରାଯାଇଥିବା ବେଳେ ୧୯ ଲକ୍ଷ ୫୫ ହଜାର ୬୧୬ ଟଙ୍କା ବାକି ରହିଛି। ଦ୍ରୁତଗତି ପାଇଁ ୯୧ ଜଣଙ୍କୁ ଜରିମାନା କରାଯାଇଥିବା ବେଳେ ହେଲମେଟ ପିନ୍ଧି ନ ଥିବା ୧୨୩ ଜଣ, ମଦ୍ୟପାନ କରି ଗାଡ଼ି ଚଳାଉଥିବା ୧୭ଜଣ, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର କରୁଥିବା ୧୯ ଜଣ, ସିଟ୍ ବେଲ୍‌ଟ ବାନ୍ଧି ନ ଥିବା ୧୭ ଜଣ, ବାଇକ୍‌ରେ ତିନିଜଣିଆ ଯିବା ପାଇଁ ୧୯ ଜଣ, ଗାଡ଼ି ଚଳାଉଥିବା ୫ ଜଣ ନାବାଳକ ଓ ଅନ୍ୟ କାରଣରୁ ୮୦ ଜଣ ଚାଳକଙ୍କୁ ଜରିମାନା କରାଯାଇଛି।

### ପୋଲିସ ଆଦାୟ କରିଛି ୨୪ ଲକ୍ଷ

ଅନୁଗୋଳ ଜିଲାରେ ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନ ଅବସରରେ ଜିଲା ପୋଲିସ ପକ୍ଷରୁ ମୋଟ୍ ୨୪ ଲକ୍ଷ ୨୯ ହଜାର ୩ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ବାଇକ୍‌ରେ ତିନିଜଣିଆ ବସି ଯିବା ପାଇଁ ୩୬୮ ଜଣଙ୍କୁ ଜରିମାନା କରାଯାଇଥିବା ବେଳେ ମଦ୍ୟପାନ କରିଥିବା ୩୪୦ ଚାଳକ, ବେଆଇନ ପାର୍କିଂ ପାଇଁ ୪୬୨ ଚାଳକ, ଦ୍ରୁତଗତି ଓ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ୯ଜଣ, ଓଭର ଲୋଡିଂ ପାଇଁ ୩୧ ଜଣ, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର ପାଇଁ ୨୩୨ ଚାଳକ, ହେଲମେଟ୍ ପିନ୍ଧି ନ ଥିବା ୧୬୫୭ ଜଣ, ସିଟ୍ ବେଲ୍‌ଟ ପିନ୍ଧି ନ ଥିବା ୪୬୩ ଜଣ ଚାଳକଙ୍କୁ ଜରିମାନା କରାଯାଇଛି।

### ଢେଙ୍କାନାଳ: ୭ ଦିନରେ ୩ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୮।୪:** ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବା ଲାଗି ଏପ୍ରିଲ ପହିଲାରୁ ରାଜ୍ୟ ସରକାର ଆରମ୍ଭ କରିଥିଲେ 'ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ' ଅଭିଯାନ। ୭ଦିନରେ ଢେଙ୍କାନାଳ ଜିଲାର ପୃଥକ୍ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ଘଟିଛି। ବାଇକ୍ ଚଳାଇ ୧୦ ନାବାଳକ ଧରାପଡ଼ିଛନ୍ତି। ଟ୍ରାଫିକ୍ ନିୟମ ଉଲ୍ଲଂଘନ, ହେଲ୍‌ମେଟ ନ ପିନ୍ଧିବା, ସିଟ୍ ବେଲ୍ଟ ନ ବାନ୍ଧିବା ଆଦି ଅଭିଯୋଗରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୧,୦୨୫ ଜଣଙ୍କ ଚାଲାଣ କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୮୨ ଲକ୍ଷ ୪୩ ହଜାର ୫୮୭ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆରଟିଓ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଭାଜପାର ପ୍ରତିଷ୍ଠା ଦିବସ



**ଅନୁଗୋଳ ଅଫିସ, ୮।୪**

ଭାଜପାର ପ୍ରତିଷ୍ଠା ଦିବସ ଅନୁଗୋଳ ଜିଲା ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ଦଳୀୟ ପତାକା ଉତ୍ତୋଳନ କରିବା ପରେ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ଲକ୍ଷ୍ୟ ଓ ଗରିବ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ପ୍ରାକ୍ତନ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଯଯାତି ପଟ୍ଟନାୟକ, ନୃସିଂହ ବରାଳ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଭବାନୀ ଜ୍ୟୋତିଷ ରାୟ, ସୋମନାଥ ରାଉତ, ଦିଲୀପ ଦାସ, ବିଶ୍ୱଜିତ ମିଶ୍ର, ବିଜୟ ମାଝି, ସରିତା ମିଶ୍ର, ରବି ମହାରଣା, କାଉନସିଲର କୈଳାସ ପ୍ରଧାନ, ସରୋଜ ଜେନାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ନାଲ୍‌କୋ ଅଞ୍ଚଳର ସାମାଜିକ କର୍ମୀ ସ୍ମିତା ପଟ୍ଟନାୟକ, ଅନୁଗୋଳ ପୌରାଞ୍ଚଳର ସଦାନନ୍ଦ ବାରିକ ଭାଜପାରେ ଯୋଗ ଦେଇଥିଲେ।

# ରାମନବମୀ ଉତ୍ସବ ଉଦ୍‌ଯାପିତ

**ଆଠମଲ୍ଲିକ, ୮।୪ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ଓଲଥ ଗ୍ରାମସ୍ଥିତ ରାମ ମନ୍ଦିରରେ ୯ ଦିନ ଧରି ଚାଲିଥିବା ରାମ ନବମୀ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନ, ମେଲୋଡି ଆଦି ଅନୁଷ୍ଠିତ ହୋଇଥିଲା। ହାସ୍ୟ ଅଭିନେତା ପ୍ରଜ୍ଞାଂଶୁ ଯୋଗଦାନ କରି ଦର୍ଶକଙ୍କୁ ବେଶ୍ ହସାଇଥିଲେ। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରକାରୀ ଓକିଲ ପରମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଦ୍ୱାରିକା ପ୍ରସାଦ ନନ୍ଦ, ସରପଞ୍ଚ ସୁଦର୍ଶନ ଗାଇଗାରିଆ, ସମିତି ସଭ୍ୟ ଅଖିଳ ପ୍ରଧାନ, ଯୁବନେତା ପ୍ରକାଶ ସେଠୀ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ରାମ ମନ୍ଦିର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ଅର୍ଜୁନ ସାହୁଙ୍କ ସମେତ ଅଏଡା ବିକାଶ ପରିଷଦ କର୍ମକର୍ତ୍ତା ସୁମନ୍ତ ଭୋକ୍ତା, ଦୁଷ୍ମନ୍ତ ବାରିକ, ଦିଲୀପ ବଘାର, ପ୍ରଫୁଲ୍ଲ ପ୍ରଧାନ, ସୁଶାନ୍ତ ଗାଇଗାରିଆ, ପ୍ରବେଶ କ୍ଷେତି, ଭଜମନ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସ୍ୱାସ୍ଥ୍ୟ ମଣିଷର ବଡ଼ ସମ୍ପଦ

**ବଇଣ୍ଡା,୮।୪(ଡି.ଏନ.ଏ.)**

ସ୍ୱାସ୍ଥ୍ୟ ମଣିଷର ଏକ ବଡ ସମ୍ପଦ। ସ୍ୱାସ୍ଥ୍ୟକୁ ସବୁବେଳେ ଗୁରୁତ୍ୱ ଦିଆଯାଉ। ରୋଗୀଙ୍କୁ ଉଚିତ ସେବା ପ୍ରଦାନରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ଶୁକ୍ରବାର କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଅତିଥି ଭାବେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ସରୋଜ ନନ୍ଦ, କମ୍ପାଉଣ୍ଡର ବାମଦେବ ପ୍ରଧାନ, ଷ୍ଟାଫନର୍ସ ମନୀଷା ତ୍ରିପାଠୀ, ଦୁଷ୍ମନ୍ତ ଦେହୁରି, ସୁପରିଭାଇଜର ସରୋଜ ସାହୁ, ନାରାୟଣ ଦେହୁରୀ ପ୍ରମୁଖ ଯୋଗଦେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଆଶା କର୍ମୀ ଓ କିଛି ରୋଗୀ ଉପସ୍ଥିତ ଥିଲେ।



ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧିକାରୀମାନେ।

# ଚମତ୍କୃତ କରିଦେଲା ପଶୁମୁଖା ନୃତ୍ୟ

**ତାଳଚେର, ୮।୪ (ନି.ପ୍ର.)**

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଚାଲିଥିବା ୧୯ ତମ ଲୋକମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଓ ଅନ୍ୟତମ ଅତିଥି ଭାବେ ନାଲ୍‌କୋର ନିର୍ବାହୀ ନିର୍ଦ୍ଦେଶକ ଭୀମସେନ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ବିଭୁପ୍ରସାଦ ପତି, ରୀତାରାଣି ଦାସ, ସତ୍ୟଭାମା ସାହୁ, ରଞ୍ଜିତା ସେଠୀ ଓ ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦିଗପହଣ୍ଡିର ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା 'ମହିଷ ମର୍ଦ୍ଦିନୀ ଦୁର୍ଗା' ଶୀର୍ଷକ ପଶୁମୁଖା ନୃତ୍ୟ ଦର୍ଶକମାନଙ୍କୁ ଚମତ୍କୃତ କରିଦେଇଥିଲା। ଏହାସହିତ ପୁରୀର ମୟୂରୀ ସାଂସ୍କୃତିକ ଏକାଡେମୀର କଳାକାରମାନେ 'ଛୋଟ ମୋର ଗାଆଁଟି' ନୃତ୍ୟ ପରିବେଷଣ କରି ଗ୍ରାମ୍ୟ ସଂସ୍କୃତିର ନିଆରା ପରମ୍ପରା, ପର୍ବପର୍ବାଣୀ ତଥା ସାମାଜିକ ଚଳଣିକୁ ଜନମାନସରେ ଉଜ୍ଜୀବିତ କରିଥିଲେ। ସେହିପରି ପଶ୍ଚିମବଙ୍ଗର ଏ ନିୟୁଲି ରିସର୍ଚ୍ଚ ଡ୍ୟାନ୍ସ ଅନୁଷ୍ଠାନ ପକ୍ଷରୁ ଡ.ଅନୁରାଧା ରୟ ଓ ସାଥୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିବା ବେଳେ ତାଳଚେର ସାଉଥବଲଣ୍ଡାସ୍ଥିତ ନୃତ୍ୟାଞ୍ଜଳୀର କଳାକାରମାନେ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ମନ ଜିଣି ନେଇଥିଲେ। ସଞ୍ଜୀବ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କଳାକାରଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



କଳାକାରଙ୍କ ଦ୍ୱାରା ପଶୁମୁଖା ନୃତ୍ୟ ପରିବେଷଣ କରାଯାଉଛି।

# ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା

**ବଇଣ୍ଡା,୮।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ହାଇସ୍କୁଲରେ ୫-ଟି ଜରିଆରେ ହେଉଥିବା ବିକାଶମୂଳକ ଯୋଜନାର ସମୀକ୍ଷା କରିଛନ୍ତି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ। କିଭଳି ଏହି ଯୋଜନାରେ ବିଦ୍ୟାଳୟର ବିକାଶ ହୋଇପାରିବ ସେ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଧୁସୂଦନ ଦେହୁରୀ, ନିର୍ମଳ ଦେହୁରୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ବିଧାୟକ ବିଦ୍ୟାଳୟ ପରିଦର୍ଶନ କରି ଫେରଛନ୍ତି।

# ଅବକାରୀ ଚଢ଼ାଉ, ୭ ଗିରଫ

**ବଇଣ୍ଡା,୮।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଶନିବାର ଠାକୁରଗଡ଼, ଆଠମଲ୍ଲିକ ଓ କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ଼ ଥାନା ସାନହୁଲା ଗ୍ରାମର ଝରଣା ଦେହୁରୀ, ପାଇକସାହି ଗ୍ରାମର ଏ.ସ. ପ୍ରଧାନ, ରୀନା ପ୍ରଧାନ, ମାମି ପ୍ରଧାନ, ଦୟା ପ୍ରଧାନ, ଆଠମଲ୍ଲିକ ଥାନା ଦେଉଳବେଡା ଗ୍ରାମର ରବି ସାହୁ, କିଶୋରନଗର ଥାନା ଅଙ୍ଗପଡା ଗ୍ରାମର ଚଗଲା ସାହୁଙ୍କୁ ଗିରଫ କରାଯାଇଛି। ଏଥିରେ ବଇଣ୍ଡା, ଆଠମଲ୍ଲିକ ଅବକାରୀ ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

# 'ସଂଗ୍ରାମ ପଥେ' ପୁସ୍ତକ ଉନ୍ମୋଚିତ

**କଣିହାଁ,୮।୪(ଡି.ଏନ.ଏ.)**

ତାଳଚେର ପ୍ରଜାମଣ୍ଡଳର ଅମର ଗାଥା ବହନ କରୁଥିବା ଲେଖକ ସିଦ୍ଧି ପ୍ରସାଦ ସାହୁଙ୍କ ପୁସ୍ତକ 'ସଂଗ୍ରାମ ପଥେ'କୁ ରାଜଭବନ ପରିସରରେ ଗୁରୁବାର ରାଜ୍ୟପାଳ ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଲେଖକ ସିଦ୍ଧି ପ୍ରସାଦ ସାହୁ କଣିହାଁ ପବିତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ। ଏହି ପୁସ୍ତକରେ ପ୍ରଜାମଣ୍ଡଳର ୧୦ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମୀ ଜୀବନୀ, ଅମର ଶହୀଦ ବିକା ନାଏକ, ମହେଶ୍ୱର ପ୍ରଧାନଙ୍କ ବଳିଦାନ, ହିଜରାତ କ୍ୟାମ୍ପ ଓ ସେ ସମୟର ରାଜନୈତିକ ଚିତ୍ରକୁ ଲେଖକ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଅନ୍ଧ କଲ୍ୟାଣ ସମିତି, କଣିହାଁ ସଭାପତି ସୁଧାକର ପ୍ରଧାନ, ସମ୍ପାଦକ କାଳନ୍ଦୀ ଚରଣ ପ୍ରଧାନ, ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁ ସଭାପତି ନୃସିଂହ ଚରଣ ବରାଳ, ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନ ସ୍ମୃତି ସଂସଦ ସଭାପତି ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରାଧ୍ୟାପକ ବିଶ୍ୱରଂଜନ ପ୍ରଧାନ, ଇଂ ଧନେଶ୍ୱର ସାହୁ, କବି ନିର୍ଭୟ କୁମାର ପାଣି, ପ୍ରଧାନ ଶିକ୍ଷକ ଦାଶରଥି ଜେନା, ଉତ୍କଳ ସାମ୍ବାଦିକ ସଂଘ କଣିହାଁର ଉପଦେଷ୍ଟା ଡ. ରଶ୍ମିରଞ୍ଜନ ମିଶ୍ର, ସଭାପତି, ସମ୍ପାଦକ ଓ ସଦସ୍ୟ ପ୍ରମୁଖ ରାଜ୍ୟପାଳଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ସହ ଲେଖକଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଜଗନ୍ନାଥ ସଂସ୍କୃତିକୁ ନେଇ ଏନ୍‌ଟିପିସି କର୍ମଚାରୀ ନିରଞ୍ଜନ ପ୍ରଧାନଙ୍କ ଦ୍ୱାରା ଲିଖିତ ୨ଟି ପୁସ୍ତକ କାଳିଆ ଭକତ ନାଁ ଓ ଶ୍ରୀକ୍ଷେତ୍ର ଅବଲୋକନକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ।



ରାଜ୍ୟପାଳ ଗଣେଶୀ ଲାଲ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ରାସ ପୂର୍ଣ୍ଣିମା ଉତ୍ସବ ପାଳିତ

**କଣିହାଁ,୮।୪(ଡି.ଏନ.ଏ.)**

କଣିହାଁ ପଞ୍ଚାୟତ କଂସମୁଣ୍ଡା ଗ୍ରାମରେ ଗୁରୁବାର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଗୋପାଳ ଜୀଙ୍କ ରାସ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇପଡ଼ିଥିଲା। ସନ୍ଧ୍ୟାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ୱାଧୀନତା ପୂର୍ବରୁ ଗ୍ରାମର ବାର୍ଷିକଉତ୍ସବ ଭାବେ କଂସମୁଣ୍ଡା ଗ୍ରାମବାସୀ ଏହା ପାଳନ କରୁଛନ୍ତି। ଚଳିତ ବର୍ଷ ମହାସଭାରେ ଆୟୋଜନକୁ ନେଇ ପୂର୍ବାହ୍ନରେ ପୂଜାନୀତି ସମାପନ ସହିତ ଗୋପାଳଜୀଙ୍କ ସହିତ ବିଭିନ୍ନ ଗ୍ରାମରୁ ଆସିଥିବା ରାଧାକୃଷ୍ଣଙ୍କ ବିମାନକୁ ସୁସଜ୍ଜିତ ରଥିରେ ରଖି ନାମ ସଂକୀର୍ତ୍ତନ, ବାଜା ବାଣ, ଲଉଡି ଖେଳ ଆଦି ପରିବେଷଣ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ବିମାନକୁ ଯାତ୍ରା ପଡ଼ିଆସ୍ଥିତ ପୂଜା ମଣ୍ଡପକୁ ଅଣାଯାଇଥିଲା। ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ପଡୋଶୀ ଅଞ୍ଚଳର ୨୦ରୁ ଅଧିକ ନାମ ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ। ଏହି ଯାତ୍ରା ରବିବାର ଉଦଯାପିତ ହେବ।



# ନବ-ମାଳତୀ ଆଦର୍ଶରେ ଶ୍ରେଷ୍ଠ ସମାଜ ଗଠନ ସମ୍ଭବ

**ଅନୁଗୋଳ ଅଫିସ, ୮।୪**

ଅନୁଗୋଳ ଜିଲାର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ନନ୍ଦପୁର ପଞ୍ଚାୟତ ମଧୁପୁର ଗ୍ରାମରେ ନବ-ମାଳତୀ କଥା ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ସିଦ୍ଧାର୍ଥ ପ୍ରଧାନ ଓ ସୁବ୍ରତ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ସ୍ୱାଧୀନତା ଓ ଗଡ଼ଜାତ ଆନ୍ଦୋଳନ ଜୀବନୀ, ମୌଳିକ ଶିକ୍ଷାର ପ୍ରଚାର ପ୍ରସାର, ମୁଖ୍ୟମନ୍ତ୍ରୀ ଥିବା ସମୟରେ ନବକୃଷ୍ଣ ଚୌଧୁରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ, ବାଜି ରାଉତ ଛାତ୍ରାବାସ ଓ ଜୀବନ ବିଦ୍ୟାଳୟର ଆବିର୍ଭାବ ଏବଂ ଅବଦାନ, ଭୂଦାନ ଆନ୍ଦୋଳନ, ଦୁହିଁଙ୍କ ସରଳ ସାଧାରଣ ଜୀବନଯାପନ ଓ ସ୍ୱାଧୀନତା ପରେ ନୂତନ ଓଡ଼ିଶା ଗଢ଼ିବାରେ ନବ-ମାଳତୀଙ୍କ ପ୍ରେରଣାଦାୟୀ ଯୋଗଦାନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ନବ-ମାଳତୀଙ୍କ ଆଦର୍ଶକୁ ଆପଣେଇ ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ନିଜ ସ୍ତରରେ ଗାଁ ଓ ସମାଜ ପାଇଁ ସ୍ୱେଚ୍ଛାକୃତ ସାମାଜିକ କାର୍ଯ୍ୟ କରିବାକୁ ଉପସ୍ଥିତ ଯୁବଗୋଷ୍ଠୀ ଆଗ୍ରହ ପ୍ରକାଶ କରିଥିଲେ। ଅନୁଷ୍ଠାନର ସ୍ୱାଧୀନ ଦେହୁରୀ, ରାଜେଶ ରଞ୍ଜନ ସାହୁ ଓ ପିଣ୍ଟୁ ବେହେରା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଗ୍ରାମର ରାମେଶ୍ୱର ଦେହୁରୀ, ପିନୁ ପ୍ରଧାନ, ସୌଭାଗ୍ୟ ସାହୁ, ଜ୍ୟୋତିରଞ୍ଜନ ଦେହୁରୀ, ରାକେଶ ପ୍ରଧାନ, ତାରାକାନ୍ତ ଦେହୁରୀ ଓ ବୁନୁ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମ ଆୟୋଜନ କରିଥିବା ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ।

# ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ

**ଅନୁଗୋଳ ଅଫିସ,୮।୪**

ଓଡ଼ିଶା ବନରାଜିକ ମହାବିଦ୍ୟାଳୟ ଅନୁଗୋଳଠାରେ ବନ କ୍ଷେତ୍ରପାଳ ପ୍ରଶିକ୍ଷାର୍ଥୀଙ୍କ ପାସିଂ ଆଉଟ ପରେଡ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୫୭ ଜଣ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ଉତ୍ତରପ୍ରଦେଶର ୫୧, ନୂଆଦିଲ୍ଲୀରୁ ୪ ଓ ତାମିଲନାଡୁରୁ ୨ ଜଣ ପ୍ରଶିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବାହ୍ନରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ସ୍ୱତନ୍ତ୍ର ମୁଖ୍ୟ ବନ ସରଂକ୍ଷକ ଏବଂ ଜଙ୍ଗଲ ବିଭାଗ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୭ତମ ବ୍ୟାଚ୍ ବନକ୍ଷେତ୍ରପାଳ ପରୀକ୍ଷାର୍ଥୀଙ୍କ ନିରୀକ୍ଷଣ କରିଥିଲେ। ପରେ ବନକ୍ଷେତ୍ରପାଳ ପରୀକ୍ଷାର୍ଥୀମାନେ ପାସିଂ ଆଉଟ ପରେଡ କରିଥିଲେ। ଓଡ଼ିଶା ବନରାଜିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପାଠ୍ୟକ୍ରମ ନିର୍ଦ୍ଦେଶକ ଆଶୁତୋଷ ମଲ୍ଲିକଙ୍କ ଦ୍ୱାରା ପାଠ୍ୟକ୍ରମ ବିବରଣୀ ପ୍ରଦାନ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଖ୍ୟ ବନସଂରକ୍ଷକ (ପ୍ରଶିକ୍ଷଣ ଓ ଉନ୍ନୟନ) କଟକ ଅକ୍ଷୟ କୁମାର ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। ଦିଲ୍ଲୀରୁ ଆସିଥିବା ଡେପୁଟୀ କଞ୍ଜରଭେଟର ଅଫ ଫରେଷ୍ଟ(ପିଆଣ୍ଡଏମ) ଅମିତ ଆନନ୍ଦ, ଓରସାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଅତିରିକ୍ତ ମୁଖ୍ୟ ବନସଂରକ୍ଷକ ପ୍ରଫୁଲ୍ଲ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଅମୂଲ୍ୟ କୁମାର ପରିଡା (ଡିସିଏଫ ଅନୁଗୋଳ) ପରୀକ୍ଷା ଫଳାଫଳ ଘୋଷଣା କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଏବଂ ଏକାଡେମିକ ଆୱାର୍ଡ ପ୍ରଦାନ କରାଯାଇଥିଲା। ଓଡ଼ିଶା ବନରାଜିକ ମହାବିଦ୍ୟାଳୟ ଏସିସିଏଫ ତଟିନୀ ସେଠୀ ଧନ୍ୟବାଦ ଦେଇଥିଲେ।

# ମଦ ଜବତ, ଜଣେ ଗିରଫ

**ଛେଣ୍ଡିପଦା,୮।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ବାଗଡିଆ ଥାନା ପାଟକୁମୁଣ୍ଡା ଗ୍ରାମରେ ଥିବା ଏକ ଦୋକାନରେ ପୋଲିସ ଚଢ଼ାଉ କରି ବିଦେଶୀ ମଦ ଜବତ ସହିତ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଟକୁମୁଣ୍ଡା ଗ୍ରାମର ମୁରଲୀଧର ରାଉଳ। ପୋଲିସ କହିଛି, ବାଗଡିଆ ଥାନା ଏସ୍‌ଆଇ ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଟାଙ୍ଗିରୀ ଓ ପାଟକୁମୁଣ୍ଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପାଟକୁମଣ୍ଡା ଗ୍ରାମର ମୁରଲୀଧରଙ୍କ ଗ୍ରୋସେରି ଦୋକାନରେ ଚଢାଉ କରିଥିଲେ। ଚଢାଉବେଳେ ଉକ୍ତ ଦୋକାନରୁ ବିଭିନ୍ନ ପ୍ରକାରର ୭ ଲିଟରରୁ ଅଧିକ ବିଦେଶୀ ମଦ ଜବତ କରାଯାଇଥିଲା। ଏ ନେଇ ଥାନାରେ ନଂ. ୫୪/୨୩ରେ ମାମଲା ରୁଜୁ କରିବା ସହିତ ମୁରଲିଙ୍କୁ କୋର୍ଟଚାଲାଣ କରାଯାଇଛି।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि-पत्र

एतद द्वारा सूचित करना है कि इस कार्यालय द्वारा दिनांक-25.03.2023 को विभिन्न समाचार पत्रो के माध्यम से ई-निविदा पत्रांक सं0- 16/ RCD/Daltonganj/ 2022-23/ 347 आमंत्रित की गई है, जिसका PR No. 293635 Road (22-23)_D है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

